# ASSIGNMENTS

## ଦତ୍ତକର୍ମ : ପ୍ରଥମ ସେମିଷ୍ଟାର

ପାଠ୍ୟକ୍ରମ : ୧,୨,୩,୪

ଶିକ୍ଷାବର୍ଷ: ୨୦୨୦-୨୧

ସ୍ନାତକୋତ୍ତର ଓଡ଼ିଆ ପାଠ୍ୟକ୍ରମ

ଉତ୍ତର ଲେଖିବା ପୂର୍ବରୁ ନିୟମାବଳୀକୁ ଯତ୍ନର ସହିତ ପାଠ କରନ୍ତୁ।

# ନିୟମାବଳୀ

**ଦତ୍ତକର୍ମ :** ପ୍ରଥମ ସେମିଷ୍ଟାର, ପାଠ୍ୟକ୍ରମ -୧,୨,୩,୪

ଶିକ୍ଷାବର୍ଷ : ୨୦୨୦-୨୧

ସ୍ନାତକୋତ୍ତର ଓଡ଼ିଆ ପାଠ୍ୟକ୍ରମ

ପ୍ରିୟ ବିଦ୍ୟାର୍ଥୀଗଣ,

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ଦ୍ୱାରା ପ୍ରସ୍ତୁତ ଏବଂ ପରିବେଷିତ ସ୍ନାତକୋତ୍ତର ଓଡ଼ିଆ ପାଠ୍ୟକ୍ରମ ଆପଣମାନଙ୍କୁ ସ୍ୱାଗତ। ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରତିଟି ପାଠ୍ୟକ୍ରମ ପାଇଁ ଆପଣମାନଙ୍କୁ ଗୋଟିଏ ଲେଖାଏଁ ଦତ୍ତକର୍ମ ପ୍ରସ୍ତୁତକରି ଦାଖଲ କରିବାକୁ ହେବ। ତାହାଦ୍ୱାରା ନିର୍ଦ୍ଧାରିତ ସମୟରେ ନିରୂପିତ ଅନ୍ତିମ ପରୀକ୍ଷା ଦେବାର ଯୋଗ୍ୟତା ଆପଣମାନେ ଅର୍ଜନ କରିପାରିବେ। ଏସବୁ ଦତ୍ତକର୍ମ ଆପଣମାନଙ୍କ ପଠନ କେନ୍ଦ୍ରର ପରାମର୍ଶ ଦାତାମାନଙ୍କ ଦ୍ୱାରା ମୂଲ୍ୟାୟନ କରାଯିବ। ତେଣୁ, ଆପଣମାନେ ଏହାକୁ ନିଜ ପଠନ କେନ୍ଦ୍ରର ସଂଯୋଜକଙ୍କ ନିକଟରେ ଦାଖଲ କରିବାକୁ ଚେଷ୍ଟାକରିବେ। ଦତ୍ତକର୍ମ ଉତ୍ତର ଲେଖିବା ପୂର୍ବରୁ ପାଠ୍ୟ ବିଷୟ ବସ୍ତୁ ଉପରେ ଅତ୍ୟନ୍ତ ମନଯୋଗୀ ଦୃଷ୍ଟିରଖନ୍ତୁ। ଏଥି ସଂପର୍କିତ ନିର୍ଦ୍ଦେଶାବଳୀକୁ ପାଠକରନ୍ତୁ। ଆପଣମାନଙ୍କ ନିକଟରେ ଉପଲବ୍ଧ ପାଠ୍ୟ ଉପକରଣ କିମ୍ବା ସେଭଳି କିଛି ବହିରୁ ନକଲ କରିବାକୁ ଚେଷ୍ଟା କରନ୍ତୁ ନାହିଁ। ତେଣୁ, ଆପଣମାନଙ୍କୁ ପରାମର୍ଶ ଛଳରେ ଏତିକି କୁହାଯାଇ ପାରିବ ଯେ ପାଠ୍ୟ ଉପକରଣ ଗୁଡ଼ିକୁ ମନଦେଇ ପାଠକରି ବୁଝିବାକୁ ଚେଷ୍ଟାକରନ୍ତୁ ଏବଂ ଯଥାସମ୍ଭବ ନିଜଭାଷା ଓ ଶୈଳୀରେ ଉତ୍ତର ଲେଖିବାକୁ ଚେଷ୍ଟାକରନ୍ତୁ। ତାହାଦ୍ୱାରା ଆପଣମାନେ ଭଲ ଗ୍ରେଡ୍ /ନମ୍ବର ପାଇ ପାରିବେ।

### ଦତ୍ତକର୍ମର ଉଦ୍ଦେଶ୍ୟ:

ମୁକ୍ତ ଓ ଦୂର ଶିକ୍ଷା ପାଠ୍ୟକ୍ରମ କ୍ଷେତ୍ରରେ ଦତ୍ତକର୍ମ ଗୁଡ଼ିକ ନିରବଚ୍ଛିନ୍ନ ମୂଲ୍ୟାୟନ ପ୍ରକ୍ରିୟାର ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଅଂଶ ବିଶେଷ । ଦତ୍ତକର୍ମ ଗୁଡ଼ିକରେ ଆପଣମାନେ ଯେଉଁ ଗ୍ରେଡ୍ / ମାର୍କ ଅର୍ଜନ କରି ଥାଆନ୍ତି, ସେସବୁ ଆପଣମାନଙ୍କର ଶେଷ ପର୍ଯ୍ୟାୟ ନିରୂପିତ ଅନ୍ତିମ ପରୀକ୍ଷାରେ ଉତ୍ତର ଫଳାଫଳକୁ ପ୍ରଭାବିତ କରିବ। ଦତ୍ତକର୍ମରେ ଭଲ ଗ୍ରେଡ୍ / ମାର୍କ ରଖିଲେ ଆପଣମାନଙ୍କ ମୋଟା ମୋଟି ପରୀକ୍ଷା ଫଳ ଖୁବ୍ ଭଲ ହେବ। ମୁକ୍ତ ଓ ଦୂର ଶିକ୍ଷା ପଠନ କ୍ଷେତ୍ରରେ ଦତ୍ତକର୍ମ ଗୋଟିଏ ବେଶ୍ ଗୁରୁତ୍ୱପୂର୍ଣ୍ଣ ଅଂଶ। ଦତ୍ତକର୍ମର ମୂଲ୍ୟାୟନ ପରେ ମୂଲ୍ୟାୟନକାରୀଙ୍କ ଦ୍ୱାରା ପ୍ରଦତ୍ତ ନିର୍ଦ୍ଦିଷ୍ଟ / ସାଧାରଣ ମନ୍ତବ୍ୟ ସହିତ ସେଗୁଡ଼ିକୁ ଆପଣମାନଙ୍କୁ ଫେରସ୍ତ କରି ଦିଆଯିବ। ଫଳରେ ଆପଣମାନେ ନିଜର ଦୁର୍ବଳତା ଓ ଭଲ ଦିଗ ଗୁଡ଼ିକ ଜାଣି ପାରିବେ। ତାହାଦ୍ୱାରା ଶିକ୍ଷାର୍ଥୀ ଓ ମୂଲ୍ୟାୟନକାରୀ (ପରାମର୍ଶଦାତା)ଙ୍କ ମଧ୍ୟରେ ଦ୍ୱିପାକ୍ଷିକ ସଂପର୍କ ମଧ୍ୟ ଉତ୍ତମ ହୋଇପାରିବ।

### ଦତ୍ତକର୍ମ ଲେଖିବେ କିପରି ?

୧. ଉତ୍ତର ଖାତାର ସର୍ବୋଚ୍ଚ ସ୍ଥାନରେ ଆପଣମାନଙ୍କ ନାମ, ପାଠ୍ୟକ୍ରମର କୋଡ୍, ପାଠ୍ୟକ୍ରମର ନାମ, ନାମ ଲେଖା କ୍ରମିକ ସଂଖ୍ୟା, ଶିକ୍ଷା କେନ୍ଦ୍ରର କୋଡ୍ ନମ୍ବର ଉଲ୍ଲେଖ କରିବେ ।
୨. ଉତ୍ତର ଗୁଡ଼ିକ ନିଜ ହସ୍ତାକ୍ଷରରେ ଲେଖିବେ । ପ୍ରତି ପୃଷ୍ଠାର ବାମ ପାର୍ଶ୍ୱରେ ଏବଂ ପ୍ରତି ଅନୁଚ୍ଛେଦ ପରେ ମୂଲ୍ୟାଙ୍କନକାରୀ ତାଙ୍କ ମନ୍ତବ୍ୟ ଲେଖି ପାରୁଥିବା ଭଳି ଯଥେଷ୍ଟ ସ୍ଥାନ ଖାଲି ରଖିବେ ।
୩. ପ୍ରତିଟି ପ୍ରଶ୍ନ ପାଇଁ ନିର୍ଦ୍ଧାରିତ ଶବ୍ଦ ସୀମା ଅନୁସରଣ କରନ୍ତୁ ।
୪. ଆପଣମାନଙ୍କ ହସ୍ତାକ୍ଷର ସ୍ପଷ୍ଟ ଏବଂ ପଠନ ଉପଯୋଗୀ ହେବା ବିଧେୟ ।

### ଦତ୍ତକର୍ମର ଭୂମିକା:

୧. ପ୍ରତିଟି ଦତ୍ତକର୍ମ ଗୋଟିଏ ମୂଲ୍ୟାଙ୍କନର ଶତକଡ଼ା ୨୫ ଭାଗ ଗୁରୁତ୍ୱ ବହନ କରିବ ଏବଂ ନରୂପିତ ଅନ୍ତିମ ପରୀକ୍ଷା ଅବଶିଷ୍ଟ ଶତକଡ଼ା ୭୫ ଭାଗର ଗୁରୁତ୍ୱ ବହନ କରିବ ।
୨. ପ୍ରତିଟି ଦତ୍ତକର୍ମ ୧୦୦ ନମ୍ବର ବିଶିଷ୍ଟ ହେବ । ମାତ୍ର ଏହା ନିରୂପିତ ଅନ୍ତିମ ପରୀକ୍ଷାର ଶତକଡ଼ା ୨୫ ଭାଗ ଗୁରୁତ୍ୱ ବହନ କରିବ ।
୩. ଆପଣମାନଙ୍କୁ ସର୍ବନିମ୍ନ ପାସ୍ ହାର ଅର୍ଥାତ୍ ପ୍ରତି ଦତ୍ତକର୍ମରେ ଅନ୍ତତଃ ୪୦ ନମ୍ବର ଅର୍ଜନ କରିବାକୁ ହେବ। ଆପଣମାନେ ଯଦି ଦତ୍ତକର୍ମର ଉତ୍ତର ପ୍ରଦାନ କରିବେ ନାହିଁ କିମ୍ବା ତହିଁରେ ଫେଲ୍ ନମ୍ବର ରଖିବେ, ତେବେ ପରବର୍ତ୍ତୀ ବର୍ଷରେ ଆପଣମାନଙ୍କୁ ଆଉ ଥରେ ଦତ୍ତକର୍ମର ଉତ୍ତର ଦାଖଲ କରିବାକୁ ହେବ ।

# ଦତ୍ତକର୍ମ

# ASSIGNMENTS

## ସ୍ନାତକୋତ୍ତର ଓଡ଼ିଆ ପାଠ୍ୟକ୍ରମ
### ପ୍ରଥମ ସେମିଷ୍ଟାର

### ଦାଖଲ କରିବାର ସମୟସୀମା
### Submission Dates

| Course Code | Name of the Course | Date |
|---|---|---|
| MAOD - 1 | ପ୍ରାକ୍ ସାରଳା ସାହିତ୍ୟ | ୨୮ ଫେବୃଆରୀ ୨୦୨୧ |
| MAOD - 2 | ସାରଳା ଓ ପଞ୍ଚସଖା ସାହିତ୍ୟ | ୨୮ ଫେବୃଆରୀ ୨୦୨୧ |
| MAOD - 3 | ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟ | ୨୮ ଫେବୃଆରୀ ୨୦୨୧ |
| MAOD - 4 | ଭାରତୀୟ କାବ୍ୟତତ୍ତ୍ୱ | ୨୮ ଫେବୃଆରୀ ୨୦୨୧ |

## ସ୍ନାତକୋତ୍ତର ଓଡ଼ିଆ
## କାର୍ଯ୍ୟକ୍ରମ - ୧- ପ୍ରାକ୍ ସାରଳା ସାହିତ୍ୟ
## ଶିକ୍ଷାବର୍ଷ - ୨୦୨୦-୨୧
## ଦତ୍ତକର୍ମ - ୦୧

**(ସମସ୍ତ ବିଭାଗ ବାଧ୍ୟତାମୂଳକ)**

### ବିଭାଗ - କ

**ପୂର୍ଣ୍ଣସଂଖ୍ୟା -୧୦୦**

**୧) ସମସ୍ତ ପ୍ରଶ୍ନର ଉତ୍ତର ଲେଖ। (ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୫୦ ଟି ଶବ୍ଦ ମଧ୍ୟରେ)** **୨X ୫ = ୧୦**

(କ) ହାତୀଗୁମ୍ଫା ଶିଳାଲେଖ କେଉଁଠାରେ ଅଛି ?

(ଖ) ଉରଜାମ୍ ଶିଳାଲେଖ କେଉଁ ରାଜାଙ୍କ ଶାସନ କାଳରେ ଲେଖା ଯାଇଥିଲା ?

(ଗ) ଜାତକ କଥାରେ ଗୌତମଙ୍କ ସମ୍ପର୍କରେ କ'ଣ ଉଲ୍ଲେଖ ଅଛି ?

(ଘ) ଖାରବେଳ ଶାସନର ପ୍ରଥମ ବର୍ଷରେ କ'ଣ କରିଥିଲେ ?

(ଙ) ତାଳପତ୍ର ସାହିତ୍ୟର ପ୍ରାଚୀନ ରୂପ କେଉଁଥିରେ ଦେଖିବାକୁ ମିଳେ ?

### ବିଭାଗ - ଖ

**୨) ସମସ୍ତ ପ୍ରଶ୍ନର ଉତ୍ତର ଲେଖ। (ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୧୦୦ ଶବ୍ଦ ମଧ୍ୟରେ)** **୫ X ୪ = ୨୦**

କ) ଓଡ଼ିଶାରେ ନାଥଧର୍ମ କିପରି ବିକାଶ ଲାଭ କରିଥିଲା ?

ଖ) ଅଭିଲେଖ ସାହିତ୍ୟର ରାଜନୀତିକ ପୃଷ୍ଠଭୂମି ଆଲୋଚନା କର।

ଗ) ଶତ୍ରୁଭଞ୍ଜ କିପରି ଓଡ଼ିଆ ଅସ୍ମିତାର ବିକାଶ କରିପାରିଥିଲେ ?

ଘ) ଚର୍ଯ୍ୟା ସାହିତ୍ୟ ଓ ଶୂନ୍ୟବାଦର ସମ୍ପର୍କ ଦର୍ଶାଅ।

### ବିଭାଗ - ଗ

**୩) ସମସ୍ତ ପ୍ରଶ୍ନର ଉତ୍ତର ଲେଖ। (ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୨୦୦ ଶବ୍ଦ ମଧ୍ୟରେ)** **୧୦ X ୪ = ୪୦**

କ) ଚର୍ଯ୍ୟା ସାହିତ୍ୟର ଧାର୍ମିକ ପୃଷ୍ଠଭୂମି ଆଲୋଚନା କର।

ଖ) ଅଶୋକଙ୍କ ଶିଳାଲେଖରେ ସମାଜ ଚିତ୍ର କିପରି ବର୍ଣ୍ଣିତ ହୋଇଛି ଦର୍ଶାଅ।

ଗ) ନାଥ ସମ୍ପ୍ରଦାୟର ଗୁରୁ ପରମ୍ପରା ଆଲୋଚନା କର।

ଘ) ଖାରବେଳଙ୍କ ଶିଳାଲେଖରେ ଉତ୍କଳୀୟ ସଂସ୍କୃତି କିପରି ଉଲ୍ଲିଖିତ ହୋଇଛି ଦର୍ଶାଅ।

### ବିଭାଗ - ଘ

**୧୫ X ୨ = ୩୦**

**୪) ସମସ୍ତ ପ୍ରଶ୍ନର ଉତ୍ତର ଲେଖ। (ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୩୦୦ ଶବ୍ଦ ମଧ୍ୟରେ)**

କ) କପିଳେନ୍ଦ୍ରଦେବଙ୍କ ଶିଳାଲେଖର ଭାଷାତାତ୍ତ୍ୱିକ ବିଶ୍ଳେଷଣ କର।

ଖ) ହାତୀଗୁମ୍ଫା ଶିଳାଲେଖର ରାଜନୀତିକ ପୃଷ୍ଠଭୂମି ଆଲୋଚନା କର।

# ସ୍ନାତକୋତ୍ତର ଓଡ଼ିଆ
# କାର୍ଯ୍ୟକ୍ରମ -୨- ସାରଳା ଓ ପଞ୍ଚସଖା ସାହିତ୍ୟ
# ଶିକ୍ଷାବର୍ଷ - ୨୦୨୦-୨୧
# ଦତ୍ତକର୍ମ - ୦୨

(ସମସ୍ତ ବିଭାଗ ବାଧ୍ୟତାମୂଳକ)

## ବିଭାଗ - କ

ପୂର୍ଣ୍ଣସଂଖ୍ୟା -୧୦୦

**୧) ସମସ୍ତ ପ୍ରଶ୍ନର ଉତ୍ତର ଲେଖ। (ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୫୦ ଶବ୍ଦ ମଧ୍ୟରେ)** **୨ X ୫ = ୧୦**

କ) ସାରଳା ଦାସଙ୍କ ସମୟର ସମାଜ କିପରି ଥିଲା ?

ଖ) ପର୍ଶୁରାମ ବିଜୟ ନାଟକ କିଏ ରଚନା କରିଥିଲେ ?

ଗ) ବିଶ୍ୱନାଥ କବିରାଜ କେଉଁ ରାଜାଙ୍କ ସମସାମୟିକ ଥିଲେ ?

ଘ) ଓଡ଼ିଆ କୋଇଲି ସାହିତ୍ୟର ଆରମ୍ଭ କେଉଁଠାରୁ ହୋଇଥିଲା ?

ଙ) ମହାଭାରତ ପ୍ରଥମେ କେଉଁ ନାମରେ ରଚିତ ହୋଇଥିଲା ?

## ବିଭାଗ - ଖ

**୨) ସମସ୍ତ ପ୍ରଶ୍ନର ଉତ୍ତର ଲେଖ। (ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୧୦୦ ଶବ୍ଦ ମଧ୍ୟରେ)** **୫ X ୪ = ୨୦**

କ) ସାରଳା ଦାସଙ୍କ ସମୟରେ ସମାଜରେ ନାରୀମାନଙ୍କ ସ୍ଥିତି କିପରି ଥିଲା ?

ଖ) ଷୋଡ଼ଶା କିପରି ରଚନା କରାଯାଏ ?

ଗ) ମହାଭାରତ ଗ୍ରନ୍ଥରେ ଧାର୍ମିକ ଓ ଦାର୍ଶନିକ ତତ୍ତ୍ୱର କିପରି ସମନ୍ୱୟ ଘଟିଛି ଦର୍ଶାଅ।

ଘ) ପୋଇ ସାହିତ୍ୟର ବୈଶିଷ୍ଟ୍ୟ ଆଲୋଚନା କର।

## ବିଭାଗ - ଗ

**୩) ସମସ୍ତ ପ୍ରଶ୍ନର ଉତ୍ତର ଲେଖ। (ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୨୦୦ ଶବ୍ଦ ମଧ୍ୟରେ)** **୧୦ X ୪ = ୪୦**

କ) ଜନଜୀବନରେ ଭାଗବତର ପ୍ରଭାବ କିପରି ରହିଛି, ଆଲୋଚନା କର।

ଖ) ଓଡ଼ିଶାରେ ସଂସ୍କୃତ ସାହିତ୍ୟ ପରମ୍ପରା କିପରି ଥିଲା ଦର୍ଶାଅ।

ଗ) କୋଇଲିର ବୈଶିଷ୍ଟ୍ୟ ଆଲୋଚନା କର।

ଘ) ଲକ୍ଷ୍ମୀପୁରାଣରେ ନାରୀ ସ୍ୱାଧୀନତାକୁ କିପରି ପ୍ରାଧାନ୍ୟ ଦିଆଯାଇଛି, ଦର୍ଶାଅ।

## ବିଭାଗ - ଘ

**୪) ସମସ୍ତ ପ୍ରଶ୍ନର ଉତ୍ତର ଲେଖ। (ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୩୦୦ ଶବ୍ଦ ମଧ୍ୟରେ)** **୧୫ X ୨ = ୩୦**

କ) ଚଉତିଶାର ପ୍ରକାରଭେଦ ଦର୍ଶାଇ ଏଗୁଡ଼ିକର ବୈଶିଷ୍ଟ୍ୟ ଆଲୋଚନା କର।

ଖ) ସାରଳା ମହାଭାରତର ମୌଳିକତା ଆଲୋଚନା କର।

# ସ୍ନାତକୋତ୍ତର ଓଡ଼ିଆ
# କାର୍ଯ୍ୟକ୍ରମ -୩- ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟ
## ଶିକ୍ଷାବର୍ଷ - ୨୦୨୦-୨୧
## ଦତ୍ତକର୍ମ - ୦୩

(ସମସ୍ତ ବିଭାଗ ବାଧ୍ୟତାମୂଳକ)

### ବିଭାଗ - କ

**ପୂର୍ଣ୍ଣସଂଖ୍ୟା -୧୦୦**

**୧) ସମସ୍ତ ପ୍ରଶ୍ନର ଉତ୍ତର ଲେଖ। (ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୫୦ ଶବ୍ଦ ମଧ୍ୟରେ) ୨ X ୫ = ୧୦**

କ) ବୈଷ୍ଣବ ଧର୍ମର ମୂଳ ଉତ୍ସ କେଉଁ ଧର୍ମ ?

ଖ) ଅଦ୍ୱୈତବାଦ କିଏ ପ୍ରତିଷ୍ଠା କରିଥିଲେ ?

ଗ) ନୃସିଂହ ପୁରାଣର ରଚୟିତାଙ୍କ ପରିଚୟ ଲେଖ।

ଘ) କବି ଦେବଦୁର୍ଲଭ ଦାସ କେଉଁ ଧର୍ମବିଶ୍ୱାସୀ ଥିଲେ ?

ଙ) ଲାବଣ୍ୟବତୀ କାବ୍ୟଟି କେତେ ଛାନ୍ଦ ବିଶିଷ୍ଟ ?

### ବିଭାଗ - ଖ

**୨) ସମସ୍ତ ପ୍ରଶ୍ନର ଉତ୍ତର ଲେଖ। (ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୧୦୦ ଶବ୍ଦ ମଧ୍ୟରେ) ୫ X ୪ = ୨୦**

କ) ବିଶିଷ୍ଟା ଦ୍ୱୈତବାଦ କହିଲେ କ'ଣ ବୁଝ ?

ଖ) ପ୍ରେମଭକ୍ତି ବ୍ରହ୍ମଗୀତାର ବୈଶିଷ୍ଟ୍ୟ ଦର୍ଶାଅ।

ଗ) ହେତୁ ଉଦୟ ଭାଗବତର ମାହାତ୍ମ୍ୟ ଆଲୋଚନା କର।

ଘ) ଲାବଣ୍ୟବତୀ କାବ୍ୟରେ ବସନ୍ତ ଋତୁର କିପରି ବର୍ଣ୍ଣନା ହୋଇଛି ଦର୍ଶାଅ।

### ବିଭାଗ - ଗ

**୩) ସମସ୍ତ ପ୍ରଶ୍ନର ଉତ୍ତର ଲେଖ। (ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୨୦୦ ଶବ୍ଦ ମଧ୍ୟରେ) ୧୦ X ୪ = ୪୦**

କ) ଦେବଦୁର୍ଲଭ ଦାସଙ୍କ ସଫଳତା ରହସ୍ୟ-ମଞ୍ଜରୀ କାବ୍ୟ ଅବଲମ୍ବନରେ ଆଲୋଚନା କର।

ଖ) ଓଡ଼ିଶାରେ ବୈଷ୍ଣବ ଧର୍ମର ପରମ୍ପରା ଆଲୋଚନା କର।

ଗ) ମାଧବୀ ଦାସଙ୍କ କବିତ୍ୱ ଆଲୋଚନା କର।

ଘ) ଓଡ଼ିଶାରେ ଭକ୍ତି ଆନ୍ଦୋଳନର ବିକାଶକ୍ରମ ଦର୍ଶାଅ।

### ବିଭାଗ - ଘ

**୪) ସମସ୍ତ ପ୍ରଶ୍ନର ଉତ୍ତର ଲେଖ। (ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୩୦୦ ଶବ୍ଦ ମଧ୍ୟରେ) ୧୫ X ୨ = ୩୦**

କ) ସନ୍ଥସାହିତ୍ୟର ଧାର୍ମିକ ପୃଷ୍ଠଭୂମି ଆଲୋଚନା କର।

ଖ) ଲାବଣ୍ୟବତୀ କାବ୍ୟ ଅବଲମ୍ବନରେ ଉପେନ୍ଦ୍ରଙ୍କ କାବ୍ୟ ବୈଶିଷ୍ଟ୍ୟ ଆଲୋଚନା କର।

# ସ୍ନାତକୋତ୍ତର ଓଡ଼ିଆ
## କାର୍ଯ୍ୟକ୍ରମ -୦୪: ଭାରତୀୟ କାବ୍ୟତତ୍ତ୍ୱ
## ଶିକ୍ଷାବର୍ଷ - ୨୦୨୦-୨୧
## ଦତ୍ତକର୍ମ - ୦୪

(ସମସ୍ତ ବିଭାଗ ବାଧ୍ୟତାମୂଳକ)

### ବିଭାଗ - କ

ପୂର୍ଣ୍ଣସଂଖ୍ୟା -୧୦୦

**୧) ସମସ୍ତ ପ୍ରଶ୍ନର ଉତ୍ତର ଲେଖ। (ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୫୦ ଟି ଶବ୍ଦ ମଧ୍ୟରେ)** **୨ X ୫ = ୧୦**

କ) ରସ ଶବ୍ଦ କିପରି ନିଷ୍ପନ୍ନ ହୋଇଛି ଲେଖ।

ଖ) ରୀତି ଶବ୍ଦ କିପରି ନିଷ୍ପନ୍ନ ହୋଇଛି ଲେଖ।

ଗ) ଧ୍ୱନିବାଦର ପ୍ରତିଷ୍ଠାତା କିଏ ?

ଘ) ନାଟ୍ୟଶାସ୍ତ୍ରର ରଚୟିତାଙ୍କ ନାମ ଲେଖ।

ଙ) ବଙ୍ଗଳାଶ୍ରୀ ଛନ୍ଦରେ କେତେ ପାଦରେ ଏକ ପଦ ହୋଇଥାଏ ?

### ବିଭାଗ - ଖ

**୨) ସମସ୍ତ ପ୍ରଶ୍ନର ଉତ୍ତର ଲେଖ। (ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୧୦୦ ଶବ୍ଦ ମଧ୍ୟରେ)** **୫ X ୪ = ୨୦**

କ) ଅନୁମିତିବାଦର ବୈଶିଷ୍ଟ୍ୟ ଦର୍ଶାଅ।

ଖ) ରୀତିକୁ କାହିଁକି କାବ୍ୟର ଆତ୍ମା କୁହାଯାଏ, ଆଲୋଚନା କର।

ଗ) ଆନନ୍ଦବର୍ଦ୍ଧନ ଧ୍ୱନିକୁ କିପରି ଆଲୋଚନା କରିଛନ୍ତି ?

ଘ) କାବ୍ୟରେ ଔଚିତ୍ୟର ଆବଶ୍ୟକତା କିପରି ରହିଥାଏ, ଆଲୋଚନା କର।

### ବିଭାଗ - ଗ

**୩) ସମସ୍ତ ପ୍ରଶ୍ନର ଉତ୍ତର ଲେଖ। (ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୨୦୦ ଶବ୍ଦ ମଧ୍ୟରେ)** **୧୦ X ୪ = ୪୦**

କ) ରସ ନିଷ୍ପତ୍ତି ସୂତ୍ର ଆଲୋଚନା କର।

ଖ) ରୀତି ସମ୍ପର୍କରେ ବାମନଙ୍କ ମତ ଆଲୋଚନା କର।

ଗ) ଧ୍ୱନି ମତବାଦ ଗୁଡ଼ିକ ଆଲୋଚନା କର।

ଘ) ଉଦାହରଣ ଦେଇ ଅର୍ଥାଳଙ୍କାରର ବୈଶିଷ୍ଟ୍ୟ ଆଲୋଚନା କର।

### ବିଭାଗ - ଘ

**୪) ସମସ୍ତ ପ୍ରଶ୍ନର ଉତ୍ତର ଲେଖ। (ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୩୦୦ ଶବ୍ଦ ମଧ୍ୟରେ)** **୧୫ X ୨ = ୩୦**

କ) ରସର ପ୍ରକାରଭେଦ ଆଲୋଚନା କର।

ଖ) ଔଚିତ୍ୟର ସ୍ୱରୂପ ଆଲୋଚନା କର।